# NATIONAL NEWS BULLETIN (ODIA)

## 9 September - 2025

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଉପରାଷ୍ଟ୍ରପତି ନିର୍ବାଚନ ଭୋଟ୍ ଗଣତି ଜାରି ।
- ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକ ପାଇଁ ଆର୍ଥିକ ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ ।
- ହିଂସାତ୍ମକ ଘଟଣା ପରିପ୍ରେକ୍ଷୀରେ ନିଜ ପଦରୁ ଇସ୍ତଫା ପ୍ରଦାନ କଲେ ନେପାଳ ପ୍ରଧାନମନ୍ତ୍ରୀ ।
- ୟୁ.ଏ.ଇ.କୁ ଆସନ୍ତାକାଲି ଠାରୁ ଦୁଇ ଦିନିଆ ଗସ୍ତରେ ଯିବେ ଶିକ୍ଷା ମନ୍ତ୍ରୀ ।

ଏବଂ

- ସପ୍ତଦଶ ଏସିଆ କପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଜି ଆଫ୍‌ଗାନିସ୍ତାନ ଏବଂ ହଂକଂ ମଧ୍ୟରେ ହେବ ମୁକାବିଲା ।

## ଭାଇସ୍-ପ୍ରେଜ୍-ଇଲେକ୍ସନ୍

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଗଣତି ଜାରି ରହିଛି । ନୂତନ ସଂସଦ ଭବନ ଠାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମତଗ୍ରହଣ କରାଯାଇଥିଲା । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଏବଂ ଇଣ୍ଡିମେଣ୍ଟ ପ୍ରାର୍ଥୀ ସୁପ୍ରିମ୍‌କୋର୍ଟ୍‌ର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ସଂସଦର ଉଭୟ ସଦନର ସଦସ୍ୟ ଏହି ନିର୍ବାଚନରେ ସେମାନଙ୍କର ମତ ଦେଇଛନ୍ତି ।

## ପିଏମ୍-ପଞ୍ଜାବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକ ପାଇଁ ୧୬ଶହ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ପୂର୍ବରୁ ପଞ୍ଜାବ ପାଇଁ ୧୨ ହଜାର କୋଟି ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଏସ୍.ଡି.ଆର୍.ଏଫ୍. ଏବଂ ପି.ଏମ୍. କିଶାନ୍ ସମ୍ମାନନିଧି ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଆଗୁଆ ପ୍ରଦାନ କରାଯିବ । ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ

ଏବଂ ଗୁରୁତର ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

ବନ୍ୟା ଯୋଗୁଁ ପିତାମାତଙ୍କୁ ହରାଇଥିବା ପିଲାଙ୍କୁ ପ୍ରଧାନମନ୍ତ୍ରୀ ଶିଶୁ ଯତ୍ନ ଯୋଜନା ଅଧୀନରେ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା ପାଇଁ ଗୁରୁଦାସପୁର ଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପଞ୍ଜାବର ମୁଖ୍ୟ ସଚିବ କେ.ଏ.ପି. ସିହ୍ନା ଶ୍ରୀ ମୋଦୀଙ୍କୁ ପ୍ରଭାବିତ ଅଞ୍ଚଳ ଗୁଡ଼ିକର ପରିସ୍ଥିତି ନେଇ ଏକ ରିପୋର୍ଟ୍ ଉପସ୍ଥାପନ କରିଥିଲେ । ଶ୍ରୀ ମୋଦୀ ପ୍ରଭାବିତ ଅଞ୍ଚଳ ଆକାଶମାର୍ଗରୁ ସର୍ଭେ କରିବା ସହିତ ଏନ୍.ଡି.ଆର୍.ଏଫ୍. ଓ ଏସ୍.ଡି.ଆର୍.ଏଫ୍. କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ।

## ପିଏମ୍-ଏଚ୍ଏମ୍

ହିମାଚଳ ପ୍ରଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମୀକ୍ଷା କରିଛନ୍ତି । ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ଛିଡ଼ା ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଜିଏସ୍‌ଟି

ସ୍ୱାଧୀନତା ଦିବସ ପାଳନ ଅବସରରେ ନୂଆଦିଲ୍ଲୀର ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି ସଂସ୍କାର ନେଇ ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦର ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଦକ୍ଷ ଏବଂ ନାଗରିକ ଅନୁକୂଳ ଅର୍ଥନୀତି ଗଠନ ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା । ୪ସ୍ତରୀୟ ଜିଏସଟି ଢାଞ୍ଚାକୁ କେବଳ ୫ ଏବଂ ୧୮ ପ୍ରତିଶତ ଭଳି ଦୁଇଟି ଢାଞ୍ଚାରେ ସୀମିତ ରଖାଯାଇଛି ।

ହସ୍ତଶିଳ୍ପ କ୍ଷେତ୍ର ପାଇଁ ଜି.ଏସ୍.ଟି. ସଂସ୍କାର ସମ୍ପର୍କିତ ଏକ ରିପୋର୍ଟ –

# ଜିଏସ୍‌ଟି-ରିପୋର୍ଟ୍‌

ହସ୍ତଶିଳ୍ପ ସାମଗ୍ରୀର ପରିସରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ସରକାର ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । କାରିଗର ଏବଂ ପାରମ୍ପରିକ ହସ୍ତଶିଳ୍ପ କ୍ଷେତ୍ରକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ । ଜି.ଏସ୍.ଟି. ହ୍ରାସ, କାଠ, ପଥର ଏବଂ ଧାତୁ ମୂର୍ତ୍ତି, ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ତଥା ପିତଳ, ତମ୍ବା, ଲୁହା, ଆଲୁମିନିଅମ୍ ଏବଂ କାଚରେ ପ୍ରସ୍ତୁତ ସାଜସଜ୍ଜା ସାମଗ୍ରୀ ବିକ୍ରିକୁ ତ୍ୱରାନ୍ୱିତ କରିବ । ଦେଶର

ହସ୍ତଶିଳ୍ପକୁ ଉପଭୋକ୍ତାଙ୍କ ପାଖରେ ଅଧିକ ସୁଲଭ ମୂଲ୍ୟରେ ପହଞ୍ଚାଇବା ତଥା ବୈଶ୍ୱିକ ସ୍ତରରେ ପ୍ରତିଯୋଗିତା ମୂଳକ ସ୍ଥିତିରେ ନିଜକୁ ସୁଦୃଢ଼ କରିବା ପାଇଁ ସହାୟକ ହେବ । ଏହି ସଂସ୍କାର ପାରମ୍ପରିକ ଉତ୍ପାଦର ଚାହିଦାକୁ ବୃଦ୍ଧି କରିବା ସହିତ ରପ୍ତାନୀ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଦେଶର ସାଂସ୍କୃତିକ, ଅର୍ଥନୈତିକ କ୍ଷେତ୍ରକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକାକୁ ଅଧିକ ଗତିଶୀଳ କରିବ । ହସ୍ତଶିଳ୍ପ କ୍ଷେତ୍ର ଏହାଦ୍ୱାରା ଅଧିକ ସମୃଦ୍ଧ ହେବା ସହ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସୁଚିସ୍ମିତା ସାହୁ

## ସ୍ୱଚ୍ଛ ବାୟୁ ଆୱାର୍ଡ୍‌ସ

ନୂଆଦିଲ୍ଲୀ ଠାରେ ଆଜି ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ଏବଂ ଆର୍ଦ୍ର ଭୂମି ସହର ମାନ୍ୟତା ସମାରୋହ-୨୦୨୫ ଅନୁଷ୍ଠିତ ହୋଇଛି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ଏଥିରେ ଯୋଗଦେଇ ପୁରସ୍କାର ବିତରଣ କରିଛନ୍ତି । ଇନ୍ଦୋର, ଜବଲପୁର, ଆଗ୍ରା ଓ ସୁରତ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ଉତ୍କର୍ଷ ପ୍ରତିପାଦନ କରିଥିବା ବେଳେ ରାମ୍‌ସାର୍‌ ସମ୍ମେଳନ ଅଧୀନରେ ଇନ୍ଦୋର ଏବଂ ଉଦୟପୁରକୁ ଆନ୍ତର୍ଜାତିକ ମାନ୍ୟତା ମିଳିଛି । ଏହି

ଅବସରରେ ମନ୍ତ୍ରୀ ଶ୍ରୀ ଯାଦବ ଜାତୀୟ ସ୍ୱଚ୍ଛ କାର୍ଯ୍ୟକ୍ରମ ଅଧୀନରେ ୧୩୦ଟି ସହର ମଧ୍ୟରୁ ୧୦୩ଟି ସହରରେ ଉନ୍ନତ ବାୟୁ ଗୁଣବତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ । ୨୦୧୭-୧୮ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ବାୟୁ ଗୁଣବତ୍ତାରେ ଉନ୍ନତି ଆଣିଥିବା ୬୪ଟି ସହରକୁ ମନ୍ତ୍ରୀ ଶ୍ରୀ ଯାଦବ ଶୁଭେଚ୍ଛା ଜଣାଇଛନ୍ତି ।

ଶ୍ରୀ ଯାଦବ କହିଛନ୍ତି, ବର୍ତ୍ତମାନ ଟେକ୍-ମେକ୍-ଡିସ୍‌ପୋଜ୍ ପଦ୍ଧତି ପରିବର୍ତ୍ତେ ପୁନଃ ଚକ୍ରି କରଣ ଏବଂ ପୁନଃ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି । ବର୍ଜ୍ୟବସ୍ତୁ ନିଷ୍କାସନକୁ ନିୟନ୍ତ୍ରଣ କରିବା ଲାଗି ସରକାର ଅର୍ଥନୀତି ଆଧାରିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଯାଦବ ସୂଚନା ଦେଇଛନ୍ତି ।

## ନେପାଳ-ପିଏମ୍ ଓଲି

ଦେଶବ୍ୟାପି ହିଂସାତ୍ମକ ଘଟଣା ପରିପ୍ରେକ୍ଷୀରେ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ପ୍ରଦର୍ଶନକାରୀ ସରକାର ବିରୋଧୀ ସ୍ଲୋଗାନ୍ ଦେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିବା ପରେ ଶ୍ରୀ ଓଲି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସାମାଜିକ ଗଣମାଧ୍ୟମଗୁଡ଼ିକ ଉପରେ ସରକାରଙ୍କ ନିଷେଧାଦେଶକୁ ବିରୋଧ କରି ବିକ୍ଷୋଭ ସମୟରେ ମୃତ୍ୟୁ ପାଇଁ ନିଜକୁ

ଦାୟୀକରିବାକୁ ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀ ଓଲିଙ୍କ ଠାରେ ଦାବି କରିଥିଲେ । ବାଲାକୋଟ୍ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ବାସଭବନକୁ ପ୍ରଦର୍ଶନକାରୀ ନିଆଁ ଲଗାଇ ଦେଇଥିଲେ । ଜେନ୍ ଜେଡ୍ ପ୍ରଦର୍ଶନକାରୀ କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ରାଜନୈତିକ ନେତାଙ୍କ ବାସଭବନକୁ ଲକ୍ଷ୍ୟ କରି ପଥର ଫିଙ୍ଗିବା ସହ ବାସଗୃହରେ ନିଆଁ ଲଗାଇ ଦେଇଥିଲେ ।

ନେପାଳରେ ସ୍ଥିତି ନିୟନ୍ତ୍ରଣାଧୀନ ନ ହେବା ପର୍ଯ୍ୟନ୍ତ ଭାରତୀୟ ନାଗରିକଙ୍କୁ ସେଠାକୁ ଯାତ୍ରା ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି । ପରିସ୍ଥିତିକୁ ଦେଖି ନେପାଳରେ ରହିଥିବା ଭାରତୀୟଙ୍କୁ ନିଜ ନିଜର ବାସ ସ୍ଥାନରେ ରହିବାକୁ  ପରାମର୍ଶ ଦିଆଯାଇଛି । ଆବଶ୍ୟକ ସହାୟତା ପାଇଁ କାଠମାଣ୍ଡୁ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ।

## ନେପାଳ-ବିମାନ ସେବା

ନେପାଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର୍ ଇଣ୍ଡିଆ ଏବଂ ଇଣ୍ଡିଗୋ ସହିତ ଅନ୍ୟ ବିମାନସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଦିଲ୍ଲୀରୁ କାଠମାଣ୍ଡୁ ମଧ୍ୟରେ ବିମାନ ସେବାକୁ ସ୍ଥଗିତ ରଖିଛନ୍ତି । ଏକ ବିବୃତ୍ତିରେ ଏୟାର୍ ଇଣ୍ଡିଆ କହିଛି, ସାମ୍ପ୍ରତିକ ପରିସ୍ଥିତି ପାଇଁ ଦିଲ୍ଲୀ-କାଠମାଣ୍ଡୁ-ଦିଲ୍ଲୀ ଆକାଶପଥରେ ବିମାନ ସେବାକୁ ଆଜି ପାଇଁ ବାତିଲ କରାଯାଇଛି ।

ପରିସ୍ଥିତି ଉପରେ ନଜର ରଖାଯାଇଛି ଏବଂ ବିମାନ ସେବା ନେଇ ପରେ ନିଷ୍ପତ୍ତି ଗ୍ରହଣ କରାଯିବ । ତେବେ ବିମାନ ସେବା ବନ୍ଦ ରହିଥିବାରୁ ପ୍ରଭାବିତ ଯାତ୍ରୀଙ୍କୁ ସେମାନଙ୍କ ଯାତ୍ରା ପୁନଃ ନିର୍ଦ୍ଧାରଣ କିମ୍ବା ଟଙ୍କା ଫେରସ୍ତ ପାଇଁ ଦାବି ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଛି ।

## ପ୍ରଧାନ-ୟୁଏଇ ଗସ୍ତ

ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲି ଠାରୁ ସଂଯୁକ୍ତ ଆରବ ଏମିରେଟସ୍ – ୟୁ.ଏ.ଇ.କୁ ଦୁଇଦିନିଆ ଗସ୍ତରେ ଯିବେ । ଗସ୍ତର ପ୍ରଥମ ଦିନରେ ଶ୍ରୀ ପ୍ରଧାନ ଆବୁଧାବି ଶିକ୍ଷା ଏବଂ ଜ୍ଞାନ ବିଭାଗର ଅଧ୍ୟକ୍ଷ ସାରା ମୁସଲ୍ଲମ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଆଇ.ଆଇ.ଟି. ଦିଲ୍ଲୀ-ଆବୁଧାବି କ୍ୟାମ୍ପସ୍ ପରିଦର୍ଶନ କରିବା ସହ ଅଟଳ ଇନ୍‌କ୍ୟୁବେସନ୍ କେନ୍ଦ୍ରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ପି.ଏଚ୍.ଡି. ଏବଂ ବି.ଟେକ୍ ପାଠ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ସହ ଭାବବିନିମୟ କରିବେ । ଆବୁଧାବିର ବାପସ୍ ହିନ୍ଦୁ ମନ୍ଦିର ପରିଦର୍ଶନ କରିବା ସହ ସିମ୍ବାୟୋସିସ୍ ବିଶ୍ୱବିଦ୍ୟାଳୟର ଦୁବାଇ କ୍ୟାମ୍ପସ୍ ଠାରେ ପ୍ରଥମ ବାର୍ଷିକୀ ସମ୍ମିଳନୀରେ ଶ୍ରୀ ପ୍ରଧାନ ଯୋଗଦେବେ । ଗସ୍ତର ଦ୍ୱିତୀୟ ଦିବସରେ ଶ୍ରୀ ପ୍ରଧାନ ତାଙ୍କ ପ୍ରତିପକ୍ଷ ଡକ୍ଟର ଅବଦୁଲ୍ ରହମାନ ଅଲ୍ ଆୱାର୍‌ଙ୍କ ସହ ଭାରତୀୟ

ପରିଚାଳନା ସଂସ୍ଥାନ ଅହମ୍ମଦାବାଦର ଦୁବାଇ କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରିବେ ।

ଏହା ପରେ ଭାରତୀୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ଏକ ଗୋଲଟେବୁଲ୍ ବୈଠକରେ ଶ୍ରୀ ପ୍ରଧାନ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ୟୁ.ଏ.ଇ. ସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ କାର୍ଯ୍ୟାଳୟ ଠାରେ **ଏକ୍ ପେଡ୍ ମା' କେ ନାମ୍** ଅଭିଯାନ ଅଧୀନରେ ଚାରା ରୋପଣ କରିବା ସହ ୟୁ.ଏ.ଇ.ରେ ରହିଥିବା ଭାରତୀୟ ବିଦ୍ୟାଳୟ ଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଦୁବାଇ ଠାରେ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ଶ୍ରୀ ପ୍ରଧାନ ମତବିନିମୟ କରିବେ । ଭାରତ-ୟୁ.ଏ.ଇ. ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ଶ୍ରୀ ପ୍ରଧାନଙ୍କର ଏହି ଦୁଇ ଦିନିଆ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିକ୍ଷା ମନ୍ତ୍ରଣାଳୟ କହିଛି ।

## ଆର୍ମି-ରଷିଆ

ଭାରତୀୟ ସଶସ୍ତ୍ର ବାହିନୀର ଏକ ଦଳ ଆସନ୍ତାକାଲି ରଷିଆରେ ଆରମ୍ଭ ହେବାକୁ ଥିବା ବହୁପାକ୍ଷିକ ମିଳିତ ସମାରାଭ୍ୟାସ **ZAPAD** ୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ଆଜି ରୁଷିଆ ଗସ୍ତ କରିଛି । ୭ ଦିନିଆ ଅଭ୍ୟାସର ଉଦ୍ଦେଶ୍ୟ ହେଉଛି, ସାମରିକ ସହଯୋଗ ବୃଦ୍ଧି, ଆନ୍ତଃ କାର୍ଯ୍ୟକ୍ଷମତାକୁ ଉନ୍ନତ କରିବା, ପାରମ୍ପରିକ ଯୁଦ୍ଧ ଓ ଆତଙ୍କବାଦ ବିରୋଧୀ

ଅଭିଯାନ କ୍ଷେତ୍ରରେ ରଣନୀତି, କୌଶଳ ଏବଂ ପ୍ରକ୍ରିୟାକର ଆଦାନପ୍ରଦାନ ପାଇଁ ଏକ ମଞ୍ଚ ପ୍ରଦାନ କରିବା । ଏକ ବିବୃତ୍ତିରେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଭାରତୀୟ ସେନାର ଦଳରେ କୋମାଓନ୍ ରେଜିମେଣ୍ଟର ଏକ ବାଟାଲିଆନ୍ ସହ ଅନ୍ୟ ସେନାର ଯବାନମାନେ ମଧ୍ଯ ରହିଛନ୍ତି । ଏହି ଦଳରେ ଭାରତୀୟ ସେନାର ୫୭ ଜଣ, ବାୟୁ ସେନାର ୭ ଜଣ ଏବଂ ନୌସେନାର ଜଣେ ସଦସ୍ୟ ରହିଛନ୍ତି । ମନ୍ତ୍ରଣାଳୟ କହିଛି, ଏହି ସମରାଭ୍ୟାସ ମୁକ୍ତ ଏବଂ ସମତଳ ଭୂମିରେ ମିଳିତ କମ୍ପାନୀ ସ୍ତରୀୟ କାର୍ଯ୍ୟ ଦକ୍ଷତା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବ । ଉଭୟ ଦେଶର ସୈନିକ ସମ୍ମିଳିତ ଭାବେ ଯୋଜନା, କୌଶଳଗତ ଅଭ୍ୟାସ ଏବଂ ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ର ଦକ୍ଷତା ସମ୍ପର୍କିତ ଆହରଣ କରିବେ । ଏହି ସମ୍ମିଳିତ ସମାରାଭ୍ୟାସ ଉଭୟ ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଉନ୍ନତ କରିବା ସହ ପ୍ରଯୁକ୍ତି ବିଦ୍ୟା ସମନ୍ୱୟ ମାଧ୍ୟମରେ ଏକ ବହୁପକ୍ଷିୟ ଯୁଦ୍ଧ ପରିବେଶରେ କାର୍ଯ୍ୟ କରିବା ପାଇଁ ମଞ୍ଚ ପ୍ରଦାନ କରିବ ।

## ଏସିଆକପ୍

ଆବୁଧାବିରେ ଆଜି ୧୭ତମ ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହେବ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତୀୟ ସମୟ ରାତି ୮ଟାରେ ଆଫ୍‌ଗାନିସ୍ତାନ ଏବଂ ହଂକଂ ମଧ୍ୟରେ ମୁକାବିଲା ହେବ । ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ

୮ଟି ଦଳ ଭାଗ ନେଇଛନ୍ତି । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଆସନ୍ତାକାଲି ଭାରତୀୟ କ୍ରିକେଟ୍ ଦଳ ୟୁ.ଏ.ଇ. ବିପକ୍ଷରେ ତାର ଅଭିଯାନ ଆରମ୍ଭ କରିବ ।